# Visit of Shri V. Muraleedharan, Minister of State for External Affairs to the People's Democratic Republic of Algeria (September 15 -17, 2021)

September 17, 2021

## ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନଙ୍କ ଆଲଜେରିଆ ଗସ୍ତ (15 -17 ସେପ୍ଟେମ୍ବର 2021)

**ସେପ୍ଟେମ୍ବର 17, 2021**

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ 15-17 ସେପ୍ଟେମ୍ବର 2021 ରେ ଆଲଜେରିଆ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସେ ଆଲଜେରିଆର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ଆଇମେନ ବେନାବଡରାହମାନଙ୍କୁ ସାକ୍ଷାତ କରିଥିଲେ ଏବଂ ପାରସ୍ପରିକ ସ୍ୱାର୍ଥର ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଆଲଜେରିଆର ବୈଦେଶିକ ମନ୍ତ୍ରୀ ତଥା ବିଦେଶରେ ଜାତୀୟ ସମୁଦାୟ ମନ୍ତ୍ରୀ ଶ୍ରୀ ରାମତାନେ ଲାମାମ୍ରା ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମହାସଚିବ ଶ୍ରୀ ରସିଦ ଚାକିବ କୈବଙ୍କ ସହ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଫଳପ୍ରଦ ଆଲୋଚନା କରିଥିଲେ। ଭାରତ-ଆଲଜେରିଆ ମିଳିତ ଆୟୋଗର ଦଶମ ପର୍ଯ୍ୟାୟ ବୈଠକକୁ ଶୀଘ୍ର ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

ରାଷ୍ଟ୍ରମନ୍ତ୍ରୀ ଆଲଜେରିଆର ବାଣିଜ୍ୟ ଏବଂ ରପ୍ତାନି ପ୍ରୋତ୍ସାହନ ମନ୍ତ୍ରୀ ଶ୍ରୀ କାମେଲ ରେଜିଗ ଏବଂ ଶକ୍ତି ତଥା ଖଣିଜ ସମ୍ପଦ ମନ୍ତ୍ରୀ ଶ୍ରୀ ଆରକାବ ମହମ୍ମଦଙ୍କୁ ମଧ୍ୟ ଭେଟିଥିଲେ। ଶକ୍ତି, ରାସାୟନିକ ପଦାର୍ଥ ଏବଂ ସାର ସମେତ ବିଭିନ୍ନ କ୍ଷେତ୍ରରେ ଆଲଜେରିଆ ସହିତ ଆମର ଆର୍ଥିକ ଯୋଗଦାନକୁ ଅଧିକ ପ୍ରୋତ୍ସାହିତ କରିବାକୁ ସହମତି ମିଳିଥିଲା। ଭାରତ ଏବଂ ଆଲଜେରିଆ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜି ନିବେଶକୁ ଆହୁରି ବଢାଇବାକୁ ଉଭୟ ପକ୍ଷ ଇଚ୍ଛା ପ୍ରକାଶ କରିଥିଲେ।

ଆଲଜେରିଆରେ ପ୍ରାୟତଃ 4000 ଭାରତୀୟ ସମୁଦାୟର ଲୋକ ଅଛନ୍ତି ଯେଉଁମାନେ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରନ୍ତି। ରାଷ୍ଟ୍ରମନ୍ତ୍ରୀ ଏହି ସମୁଦାୟର ଏକ ଗୋଷ୍ଠୀ ସହିତ ବାର୍ତ୍ତାଳାପ କରିଥିଲେ। ମୋଟାମୋଟି ଭାବେ ରାଷ୍ଟ୍ରମନ୍ତ୍ରୀଙ୍କ ଏହି ଗସ୍ତ ଆଲଜେରିଆ ସହିତ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢାଇବା ପାଇଁ ବଳ ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 17, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.